# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**31st July - 2024**

**News Editor : *Tapan Kumar Maharana***

**************************************

## ମୁଖ୍ୟ ସମ୍ବାଦ

- ବାର୍ଦ୍ଧକ୍ୟ ରାସନକାର୍ଡ଼ ହିତାଧିକାରୀଙ୍କ ପାଇଁ ରାଜ୍ୟ ସରକାର ଆରମ୍ଭ କରିବେ ସ୍ୱତନ୍ତ୍ର ଆପ୍, କହିଲେ ବିଭାଗୀୟ ମନ୍ତ୍ରୀ ।

- ରାଜ୍ୟରେ ମୋଟ୍ ୫୮ଟି ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବ ବୋଲି ସୂଚନାଦେଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ।

- ରାଜ୍ୟସଭା ସାଂସଦ ପଦବୀରୁ ବି.ଜେ.ଡି. ସାଂସଦ ମମତା ମହାନ୍ତଙ୍କ ଇସ୍ତଫା ।

- କେରଳ ଭୂସ୍ଖଳନରେ ମୃତକ ଓ ନିଖୋଜଙ୍କ ପରିବାରବର୍ଗଙ୍କୁ ସହାୟତା କରିବାପାଇଁ କେରଳ ଗସ୍ତ କଲେ ଦୁଇ ଅଧିକାରୀ ।

ଏବଂ

- ପର୍ଯ୍ୟଟକଙ୍କ ପାଇଁ ଆସନ୍ତାକାଲିଠାରୁ ଖୋଲିବ ଭିତରକନିକା ଜାତୀୟ ଉଦ୍ୟାନ ।

*Desk*

# ଘରେ ବସି ଚାଉଳ ପାଇବେ

ବିଧାନସଭାରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ରାସନକାର୍ଡ ହିତାଧିକାରୀ ଘରେ ବସି ଚାଉଳ ପାଇପାରିବେ। ଯେଉଁମାନେ ପଂଚାୟତ ଅଫିସ ଆସିପାରୁନାହାନ୍ତି ସେମାନଙ୍କୁ ଘରେ ଚାଉଳ ପଂହଁଚାଇବା ପାଇଁ ସରକାର ବ୍ୟବସ୍ଥା କରୁଛନ୍ତି। ସେହିଭଳି ବାର୍ଦ୍ଧକ୍ୟ କାରଣରୁ ଯେଉଁମାନଙ୍କ ଟିପ ଚିହ୍ନ କାମ କରୁନାହିଁ ସେମାନଙ୍କ ପାଇଁ ସରକାର ସ୍ୱତନ୍ତ୍ର ଆପ୍ ଆଣିବେ ବୋଲି ମନ୍ତ୍ରୀ କହିଛନ୍ତି।

*Assembly Review*

# ବିଧାନସଭା - ୧

ରାଜ୍ୟରେ ପ୍ରତ୍ୟେକ ସବଡିଭିଜନରେ ମୋଟ ୫୮ଟି ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବ ବୋଲି ବିଧାନସଭାରେ କଂଗ୍ରେସ ବିଧାୟକ ରାମଚନ୍ଦ୍ର କାଡାମଙ୍କ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି। ସେ କହିଛନ୍ତି, ଏହି ଶୀତଳ ଭଣ୍ଡାରଗୁଡିକ ପିପିପି ମୋଡରେ ତିଆରି ହେବ। ଚାଷୀମାନେ ସେମାନଙ୍କ ଉତ୍ପାଦକୁ ଏଥିରେ ରଖିପାରିବେ । ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆହୁରି ଅଧିକ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

*Desk*

# ବିଧାନସଭା - ଚାଷୀ କ୍ଷତିପୂରଣ

ଲଗାଣ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ବିଧାନସଭାରେ କହିଛନ୍ତି । ବିଧାୟକ ମଙ୍ଗୁ ଖିଲଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି, ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଚାଷୀମାନଙ୍କର ହୋଇଥିବା କ୍ଷତି ସମ୍ପର୍କରେ ରାଜସ୍ୱ ନିରୀକ୍ଷକ ଓ ଜିଲ୍ଲାପାଳଙ୍କଠାରୁ ରିପୋର୍ଟ ମଗାଯାଇଛି । ରିପୋର୍ଟ ଆସିବା ପରେ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ।

*Assembly Review*

# ବିଧାନସଭା - ୨

ରାଜ୍ୟରେ ପୂର୍ବ ସରକାରଙ୍କ ସମୟରେ ୧୧ ହଜାର ୪୩୨ଟି କ୍ଷୁଦ୍ରଶିଳ୍ପ ବନ୍ଦ ହୋଇଛି ବୋଲି ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବିଧାନସଭାରେ କହିଛନ୍ତି। ବିଧାୟକ ଚକ୍ରମଣି କହଁରଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍ତି, କରୋନା ସମୟରେ ୩ ହଜାର ୨୦୭ଟି କ୍ଷୁଦ୍ରଶିଳ୍ପ ବନ୍ଦ ହୋଇଛି। ସେହିଭଳି ବାଲେଶ୍ୱରରେ ସର୍ବାଧିକ ୫୭୬, ଗଞ୍ଜାମରେ ୪୮୪ ଏବଂ ସମ୍ବଲପୁରରେ ୩୨୧ଟି କ୍ଷୁଦ୍ରଶିଳ୍ପ ବନ୍ଦ ହୋଇଛି।

*Desk*

## ଷ୍ଟ୍ରିଟ୍ ଫୁଡ୍ ହବ୍

ରାଜ୍ୟର ୪ଟି ସ୍ଥାନରେ ଷ୍ଟ୍ରିଟ୍ ଫୁଡ୍ ହବ୍ ପ୍ରତିଷ୍ଠା ହେବ। ଏଥିପାଇଁ ଜାଗା ଚିହ୍ନଟ ହେବା ସହ କାର୍ଯ୍ୟ ଆରମ୍ଭ ହୋଇଛି ବାଲି ଖାଦ୍ୟ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।  ଦେଶର ଖାଦ୍ୟ ଇକୋସିଷ୍ଟମ୍‌କୁ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ସୂଚନା ଅନୁସାରେ, କଟକ ବାରବାଟୀ ଷ୍ଟାଡିୟମ୍ ନିକଟରେ ହେବାକୁ ଥିବା ଷ୍ଟ୍ରିଟ୍ ଫୁଡ୍ ହବ୍ ପାଇଁ ୩ କୋଟି ୮୬ ଲକ୍ଷ ୪୨ ହଜାର ଟଙ୍କା ଖର୍ଚ୍ଚ ହେବ। ସେହିଭଳି ଭୁବନେଶ୍ୱରର ନାଲ୍‌କୋ ଛକ ଏବଂ ଶୈଳଶ୍ରୀବିହାରରେ ଫୁଡ୍ ହବ୍ କରାଯିବ। ଏହିସବୁ ସ୍ଥାନରେ ବିଶୁଦ୍ଧ ପାନୀୟ ଜଳ, ଶୌଚାଳୟ, ତରଳ ଓ କଠିନ ବର୍ଜ୍ୟବସ୍ତୁ ନିଷ୍କାସନ ଆଦିର ବ୍ୟବସ୍ଥା ରହିବ।

***BBSR/R***

## ସାଂସଦ - ଇସ୍ତଫା

ରାଜ୍ୟସଭା ସାଂସଦ ପଦରୁ ବି.ଜେ.ଡି. ସାଂସଦ ମମତା ମହାନ୍ତ ଇସ୍ତଫା ଦେଇଛନ୍ତି । ଏନେଇ ଆଜି ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନ୍‌ଖଡ ରାଜ୍ୟସଭାରେ ସୂଚନା ପ୍ରଦାନ କରିଛନ୍ତି । ଶ୍ରୀମତୀ ମହାନ୍ତ ଆଜି ସକାଳେ ନିଜର ଇସ୍ତଫା ପତ୍ର ରାଜ୍ୟସଭା ଅଧ୍ୟକ୍ଷକଙ୍କୁ ପ୍ରଦାନ କରିଛନ୍ତି । ତାଙ୍କ ଇସ୍ତଫା ପତ୍ରକୁ ତୁରନ୍ତ ଗ୍ରହଣ କରାଯାଇଥିବା ନେଇ ଶ୍ରୀ ଧନଖଡ୍ କହିଛନ୍ତି । ଏଥିସହ

ସେ ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟପଦରୁ ମଧ୍ୟ ଇସ୍ତଫା ପ୍ରଦାନ କରିଛନ୍ତି । ନିଜ ଇସ୍ତଫା ପତ୍ରକୁ ସେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି । ସୂଚନାଯୋଗ୍ୟ, ଆସନ୍ତା ୨୦୨୬ ମସିହା ଅପ୍ରେଲ୍ ମାସରେ ରାଜ୍ୟସଭା ସାଂସଦ ଭାବେ ତାଙ୍କର କାର୍ଯ୍ୟକାଳ ଶେଷ ହେବାର ଥିଲା ।

***BBSR/R***

# କେରଳ ଭୂସ୍ଖଳନ – ଓଡ଼ିଆ ମୃତ

କେରଳ ଭୂସ୍ଖଳନରେ ଦୁଇ ଓଡ଼ିଆ ନିଖୋଜଙ୍କ ମଧ୍ୟରୁ ଡାକ୍ତର ବିଷ୍ଣୁପ୍ରସାଦ ଚିନାରାଙ୍କ ମୃତଦେହ ଉଦ୍ଧାର ହୋଇଛି । ଏ ସମ୍ପର୍କରେ ସୂଚନା ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ମୃତକ ଓ ନିଖୋଜଙ୍କ ପରିବାରବର୍ଗଙ୍କୁ ସେଠାରେ ସହାୟତା କରିବାପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବେ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ଜଣେ ଡାକ୍ତରଙ୍କୁ କେରଳ ପଠାଯାଇଛି । ସେମାନେ କେରଳ ସରକାରଙ୍କ ସହ ସମନ୍ୱୟ ରକ୍ଷା କରି ଉଦ୍ଧାର ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ତ୍ୱରାନ୍ୱିତ କରିବେ । ଏଥିସହ କେରଳ ସରକାରଙ୍କ ସହ ଯୋଗାଯୋଗରେ ରହିବାପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।

*Desk*

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୪ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ନେଇ ଅଧିକ ସୂଚନା ପାଇଁ ବିଭିନ୍ନ ଜିଲ୍ଲାର ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ବିଦ୍ୟାଳୟଗୁଡ଼ିକର ପ୍ରଧାନଶିକ୍ଷକଙ୍କ ସହ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଯୋଗାଯୋଗ କରିପାରିବେ।

*Desk*

## ଆକାଶବାଣୀ - ଅବସର

କଟକ ଆକାଶବାଣୀ କେନ୍ଦ୍ରର ଉପମହାନିର୍ଦ୍ଦେଶକ ତଥା କ୍ଲଷ୍ଟର ମୁଖ୍ୟ ପ୍ରକାଶ କୁମାର ପତି ଆଜି ତାଙ୍କର କାର୍ଯ୍ୟରୁ ଅବସର ନେଇଛନ୍ତି । ଦୀର୍ଘ ୩୫ ବର୍ଷ ଧରି ଆକାଶବାଣୀ, ଦୂରଦର୍ଶନ ଏବଂ ଏନ୍.ଏ.ବି.ଏମ୍.ର ବିଭିନ୍ନ ଯାନ୍ତ୍ରିକ ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟକରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି । କଟକ ଆକାଶବାଣୀ କେନ୍ଦ୍ରରେ ୨୦୧୮ ମସିହା ଅକ୍ଟୋବର ମାସରେ କାର୍ଯ୍ୟରେ ଯୋଗ ଦେଇଥିଲେ । ଓଡ଼ିଶା ମୁଖ୍ୟ ଭାବେ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବିଭିନ୍ନ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ଆକାଶବାଣୀ କେନ୍ଦ୍ରରେ ଆଜି ଆୟୋଜିତ ସଭାରେ ଶ୍ରୀ ପତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଆକାଶବାଣୀ

କଟକ କେନ୍ଦ୍ରର ଶିବପ୍ରସାଦ ସାମଲ ଏବଂ ପ୍ରତାପ ଚନ୍ଦ୍ର ମହାନ୍ତି ମଧ୍ୟ ଆଜି ସେବା ନିବୃତ୍ତ ହୋଇଛନ୍ତି ।

***Cuttack/R***

## ଡେଙ୍ଗୁ

କଟକ ସହରରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି । ସହରର ବିଭିନ୍ନ ସ୍ଥାନରେ ପାଣି ଜମିବା ଯୋଗୁଁ ମଶା ସଂଖ୍ୟା ବୃଦ୍ଧି ପାଉଛି । ତେଣୁ ରାସ୍ତା, ନାଳନର୍ଦ୍ଦମା ସଫେଇ ସାଙ୍ଗକୁ ମଶାରୀ ଟାଙ୍ଗି ଶୋଇବାପାଇଁ ଲୋକମାନଙ୍କୁ ସଚେତନ କରାଯାଉଛି । ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କଟକ ଜିଲ୍ଲାରେ ଏପର୍ଯ୍ୟନ୍ତ ପ୍ରାୟ ୪୦ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବର୍ତ୍ତମାନ କଟକ ବଡ ଡାକ୍ତରଖାନାରେ ୨୯ ଜଣ ଚିକିତ୍ସିତ ହେଉଛନ୍ତି ବୋଲି ଜଣାପଡ଼ିଛି । ବର୍ଷାପାଗ ଯୋଗୁଁ ଘରପାଖ ପରିବେଶକୁ ସଫା ରଖିବା ସହ ସନ୍ଧ୍ୟା ପୂର୍ବରୁ କବାଟ ଝରକା ବନ୍ଦ ରଖିବାକୁ ଏସ୍.ସି.ବି. ମେଡିକାଲ କଲେଜର ଭେଷଜ ବିଭାଗ ସହକାରୀ ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡା ପରାମର୍ଶ ଦେଇଛନ୍ତି ।

*Boudh/R*

## ସ୍ୱଳ୍ପମିଆଦୀ ଧନ୍ଦାମୂଳକ ପ୍ରଶିକ୍ଷଣ

ବୌଦ୍ଧ ଜିଲ୍ଲାରେ ବିଭିନ୍ନ ସ୍ୱଳ୍ପମିଆଦୀ ଧନ୍ଦାମୂଳକ କାର୍ଯ୍ୟଦକ୍ଷତା ପ୍ରଶିକ୍ଷଣ ଉପରେ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଦ୍ୱାରା ଦିଆଯାଉଥିବା ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା । ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ପ୍ରତିଷ୍ଠାନଦ୍ୱାରା କେନ୍ଦ୍ର, ରାଜ୍ୟ ସରକାର ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ଦ୍ୱାରା ସମ୍ପୂର୍ଣ୍ଣ ମାଗଣାରେ ସ୍ୱଳ୍ପମିଆଦୀ ଧନ୍ଦାମୂଳକ କାର୍ଯ୍ୟଦକ୍ଷତା ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା ।

ଅନ୍ୟପକ୍ଷରେ ଜିଲ୍ଲା ନିଯୋଜନ ବିଭାଗଦ୍ୱାରା ଅନୁଷ୍ଠିତ ସ୍ୱଳ୍ପକାଳୀନ ପ୍ରଶିକ୍ଷଣର ମାନ୍ୟତା ପତ୍ର ୨୩ ଜଣ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଦାନ କରାଯାଇଛି ।

*Malkangiri/R*

## କାରାଗାର - ଆଇନ ସଚେତନତା

ମାଲକାନଗିରି ଜିଲ୍ଲା କାରଗାରଠାରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ଆଇନ ସଚେତନତା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ପ୍ରାଧିକରଣର ସଚିବ ଜଷ୍ଟିସ୍ ସଙ୍ଗୀତା ପାତ୍ର ଯୋଗଦେଇ କାରାଗାରରେ ବନ୍ଦୀ ଜୀବନ ବିତାଉଥିବା କଏଦୀମାନଙ୍କୁ ସେମାନଙ୍କ ବିଭିନ୍ନ ଅଧିକାର ତଥା

ସାମ୍ବିଧାନିକ ଅଧିକାର ସମ୍ପର୍କରେ ବୁଝାଇଥିଲେ । ଏଥିସହ ବନ୍ଦୀମାନଙ୍କ ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିବା ସହ ସେମାନଙ୍କ ସମ୍ପତ୍ତିର ସୁରକ୍ଷା ବିଷୟରେ ଆଇନଗତ ପରାମର୍ଶ ଦେଇଥିଲେ ।

***Desk***

## ଭିତରକନିକା

ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତାକାଲିଠାରୁ ପର୍ଯ୍ୟଟକଙ୍କପାଇଁ ଖୋଲିବ । ଗତ ମଇ ମାସ ପହିଲାରୁ କୁମ୍ଭୀର ପ୍ରଜନନ ଋତୁକୁ ଦୃଷ୍ଟିରେ ରଖି ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିଥିଲା । ଚଳିତ ଥର ଭିତରକନିକାରେ ପର୍ଯ୍ୟଟକଙ୍କପାଇଁ କାଠନିର୍ମିତ ସ୍କାଏୱାକ୍ ତିଆରି ହୋଇଛି । ଏହା ଉପରକୁ ଯାଇ ପର୍ଯ୍ୟଟକମାନେ ସମ୍ପୂର୍ଣ୍ଣ ଜଙ୍ଗଲର ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ । ଗୋଟିଏ ଥରରେ ୨୦ ଜଣ ପର୍ଯ୍ୟଟକଙ୍କୁ ଏହା ଉପରକୁ ଛଡ଼ାଯିବାକୁ ବନବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି ।

***Sambalpur/R***

## ହୀରାକୁଦ

ହୀରାକୁଦ ଉପର ମୁଣ୍ଡରେ ବର୍ଷା କମିଥିବା ଯୋଗୁଁ ଜଳଭଣ୍ଡାରକୁ ଜଳପ୍ରବାହ ହ୍ରାସ ପାଇଛି । ଫଳରେ ଜଳଭଣ୍ଡାରର ଜଳସ୍ତର କମ୍ ରହିବାରୁ ଆଜି ଆଉ ୪ଟି ଗେଟ୍‌କୁ ବନ୍ଦ କରାଯାଇଛି । ଏହି ୪ଟି ଗେଟ୍ ବନ୍ଦ ହେବା

ପରେ ବର୍ତ୍ତମାନ ୧୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି । ଅପରାହ୍ଣ ୩ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୧୦ ଦଶମିକ ୭/୩ ଫୁଟ ରହିଛି । ଇତିମଧ୍ୟରେ ୧ ଲକ୍ଷ ୫୯ ହଜାର ୯୯୭ କ୍ୟୁସେକ ଜଳ ଜଳଭଣ୍ଡାର ମଧ୍ୟକୁ ପ୍ରବେଶ କରୁଛି ।

***Met. O.***

# ପାଣିପାଗ

ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗିରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଏହିଭଳି ସ୍ଥିତି ଜାରି ରହିବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଅନୁଗୁଳ, ଏବଂ ଢେଙ୍କାନାଳ ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ତେବେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ବରଗଡ଼ ଏବଂ ଜଗତ୍‌ସିଂହପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି ।

*****